## ସଂକ୍ଷେପରେ

### ମଧୁସ୍ମିତା ମହାପାତ୍ର ଜିଲା ମଙ୍ଗଳ ଅଧିକାରୀ



ଛତ୍ରପୁର,୪।୫(ଡି.ଏନ.ଏ): ଗଞ୍ଜାମ ଜିଲା ମଙ୍ଗଳ ଅଧିକାରୀ ଭାବେ ମଧୁସ୍ମିତା ମହାପାତ୍ର ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ କଟକ ଜିଲାରେ କାର୍ଯ୍ୟ କରୁଥିଲେ। ପ୍ରଧାନମନ୍ତ୍ରୀ ଆବାସ ଗ୍ରାମକୁ ଫୋକସ କରାଯିବ ବୋଲି ସେ କହିଛନ୍ତି। ଏଥିସହ ଏସ୍‌ସି ଏସ୍‌ଟି ହଷ୍ଟେଲକୁ କିଭଳି ପିଲାମାନେ ଆସିବେ ଏବଂ ସମସ୍ତ ପିଲା ପଢିପାରିବେ ତାହାକୁ ଗୁରୁତ୍ୱ ଦେବେ। ଦଶମ ଓ ଦ୍ୱାଦଶ ଶ୍ରେଣୀ ପରେ ଡ୍ରପ୍ ଆଉଟ୍ ପିଲାମାନଙ୍କୁ କିଭଳି ଦକ୍ଷତା ତାଲିମ ଦିଆଯିବ ସେ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି।

### ଯୁବତୀଙ୍କ ଅସ୍ୱାଭାବିକ ମୃତ୍ୟୁ

ଗୋପାଳପୁର,୪।୫(ଡି.ଏନ.ଏ.): ଗୋଳନ୍ଥରା ଥାନା ଅନ୍ତର୍ଗତ ଚିକିରଡା ଗ୍ରାମରେ ଜଣେ ଯୁବତୀଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ସେ ହେଲେ ଲଳିତା ମହାନ୍ତି (୨୫)। ବୁଧବାର ରାତିରେ ପରିବାର ସହ ଲଳିତା ଖାଇସାରି ଶୋଇଥିଲେ। ରାତି ପ୍ରାୟ ସାଢେ ଗୋଟାଏ ବେଳେ ହଠାତ ବାନ୍ତି ହେବା ସହ ତାଙ୍କ ଦେହ ଅସୁସ୍ଥ ହୋଇଥିଲା। ପରିବାର ବର୍ଗ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଗୁରୁବାର ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି।

### ମହେନ୍ଦ୍ରଗିରିରେ ଭାଗବତ ସାପ୍ତାହିକ

ପାରଳାଖେମୁଣ୍ଡି/ପାତ୍ରପୁର, ୪।୫ (ଡି.ଏନ୍.ଏ) : ଗଜପତି ଜିଲା ମହେନ୍ଦ୍ରଗିରି କୁନ୍ତି ମନ୍ଦିର ପ୍ରାଙ୍ଗଣରେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଭାଗବତ ମଣ୍ଡଳୀ ପକ୍ଷରୁ ଗୁରୁବାର ଭାଗବତ ସାପ୍ତାହିକ ଅନୁଷ୍ଠିତ ହୋଇଯାଇଛି। ମହେନ୍ଦ୍ର ତନୟାରୁ ଜଳ ଆଣି କଳସ ଯାତ୍ରାରେ ଗଙ୍ଗା ଆବାହନ କରାଯାଇଥିବା ବେଳେ ସନ୍ତୋଷ କୁମାର ପାତ୍ର ଓ ଲକ୍ଷ୍ମୀ ପାତ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୁରୋହିତ ରଜନୀ ପାଢ଼ୀ ପୂଜା କାର୍ଯ୍ୟ ସମ୍ପାଦିତ କରିଥିବା ବେଳେ ନରସିଂହ ପାତ୍ର, ସୁରେଶ ବାଡତ୍ୟା ସହଯୋଗ କରିଥିଲେ। ଆସନ୍ତା ୧୦ ତାରିଖରେ ପୂର୍ଣ୍ଣାହୂତି ହେବ। ଭାଗବତ ଟୁଙ୍ଗି ପୁନଃଉଦ୍ଧାର ସଂରକ୍ଷଣ ସଂଘ ସଭାପତି ଦିବାକର ପ୍ରଧାନ, ସମ୍ପାଦକ ମାଧବ ବାଡତ୍ୟା, ତ୍ରିନାଥ ମହାରଣା ମହେନ୍ଦ୍ରଗିରି ଜୈବ ଉନ୍ନୟନ କମିଟି ସଭାପତି ଭାସ୍କର ମଣ୍ଡଳ, କୃଷ୍ଣ ଗୌଡଙ୍କ ସମେତ ଶତାଧିକ ଭାଗବତ ଭକ୍ତ ସହଯୋଗ କରୁଛନ୍ତି।

# ସର୍ବନିମ୍ନ ଦର ୧୦୦ ଟଙ୍କା, ପ୍ରତି ପଞ୍ଚାୟତରେ ମଣ୍ଡି ଦାବି

## ହଳଦୀ ଚାଷର ସୁରକ୍ଷା ପାଇଁ ଆଲୋଚନାଚକ୍ର

ଦାରିଙ୍ଗବାଡି,୪।୫(ଡି.ଏନ.ଏ):

କନ୍ଧମାଳ ଜିଲା ଦାରିଙ୍ଗବାଡି ସାରିଙ୍ଗିଇର୍ପି ସଭାଗୃହ ଠାରେ ଗୁରୁବାର ହଳଦୀ ଚାଷ ଓ ତାର ସୁରକ୍ଷା ପାଇଁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ହଳଦୀ ଚାଷୀ ସଂଗଠନର ସାଧାରଣ ସମ୍ପାଦକ ଏଲିଆସ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ସଂଗଠନର ସଭାପତି ପ୍ରତାପ କୁମାର ପ୍ରଧାନ ଯୋଗ ଦେଇଥିଲେ। ଦୀର୍ଘ ୧୦ବର୍ଷ ହେଲା ହଳଦୀ ଦର ତଳମୁହାଁ ହୋଇରହିଛି। କିଲୋ ପିଛା ମାତ୍ର ୪୦ରୁ ୫୦ ଟଙ୍କା ଦର ରହିଛି। ଫଳରେ ହଳଦୀ ଚାଷୀଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ଅନେକ ସର୍ବସ୍ୱ ହରାଇ କାମଧନ୍ଦା ପାଇଁ ବାହାର ରାଜ୍ୟକୁ ଯିବାକୁ ବାଧ ହେଉଥିବା ଆଲୋଚନା ହୋଇଥିଲା। ସରକାର ସର୍ବନିମ୍ନ ଦର କିଲୋ ପିଛା ୧ ଶହ ଟଙ୍କା ଧାର୍ଯ୍ୟ କରିବା ଦାବି କରାଯାଇଥିଲା। ଏଥିସହ ସାମାଜିକ କ୍ଷେତ୍ରରେ ବିକାଶ ପାଇଁ ପ୍ରତ୍ୟେକ ପଞ୍ଚାୟତରେ ମଣ୍ଡି ଖୋଲିବା ବ୍ୟବସ୍ଥା କରିବା, ଦାରିଙ୍ଗବାଡି ଓ ରାଇକିଆଠାରେ ହଳଦୀ ପ୍ରକ୍ରିୟାକରଣ କରିବାକୁ ଦାବି କରାଯାଇଛି। ସେହିପରି ହଳଦୀ ଚାଷୀଙ୍କୁ ବିନା ଶୁଳ୍କରେ ରାଷ୍ଟ୍ରାୟତ ବ୍ୟାଙ୍କରୁ ଋଣ ବ୍ୟବସ୍ଥା କରିବା, ହଳଦୀ ଚାଷୀଙ୍କୁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଓ ୫ ଲକ୍ଷ ଜୀବନବୀମା ଯୋଗାଇ ଦିଆଯିବା ସହ ଚାଷୀଙ୍କୁ ଆବଶ୍ୟକ ଯନ୍ତ୍ରପାତି ମାଗଣା ଯୋଗାଇଦେବାକୁ ଦାବି କରାଯାଇଥିଲା। ଏହିସବୁ ଦାବି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ପ୍ରଶାସନଙ୍କୁ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବେସିକ୍ସର ରାଜ୍ୟ ମୁଖ୍ୟ ସୁଶାନ୍ତ କୁମାର ନାୟକ, ଟିକାବାଲି ବ୍ଲକ ହଳଦୀ ଚାଷ ସଂଗଠନର କାର୍ଯ୍ୟକାରୀ ସଦସ୍ୟ ପ୍ରଫୁଲ୍ଲ ଦିଗାଲ, ଜି. ଉଦୟଗିରି ଏନଏସିର କାଉନସିଲାର ଜାକେଶ ପ୍ରଧାନ, ପ୍ରଡ୍ୟୁସର କମ୍ପାନୀର ସଭାପତି ମିନୁରା ପ୍ରଧାନ, କୃଷକ ସଂଘର ସଭାପତି ସନ୍ତୋଷ ପ୍ରଧାନ, ଜୟରାମ ପ୍ରଧାନ, ରମାକାନ୍ତ ପ୍ରଧାନ, ନୀଳାମ୍ବର ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ।




ଆଲୋଚନାଚକ୍ରରେ ଯୋଗଦେଇଥିବା ଚାଷୀ ସଂଗଠନର ସଦସ୍ୟମାନେ।

# ଜମି ବିବାଦକୁ ନେଇ ବୃଦ୍ଧଙ୍କୁ ହତ୍ୟା

ବେଗୁନିଆପଡ଼ା,୪।୫:

ଗଞ୍ଜାମ ଜିଲା ବେଗୁନିଆପଡ଼ା ଥାନା ଅନ୍ତର୍ଗତ ନୂଆପଲୀ ଗ୍ରାମରେ ଗୁରୁବାର ସକାଳେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଜଣେ ବୃଦ୍ଧଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ସେ ହେଲେ ନୂଆପଲୀ ଗ୍ରାମର ୮୧ ବର୍ଷୀୟ ଗୁରୁବାରୀ ନାହାକ। ମୃତକଙ୍କ ସ୍ତ୍ରୀ ରଇବାରୀ ନାହାକ ଏ ନେଇ ବେଗୁନିଆପଡ଼ା ଥାନାରେ ଏତଲା ଦେଇଛନ୍ତି। ସୂଚନା ଅନୁସାରେ, ଗୁରୁବାର ସକାଳେ ଗୁରୁବାରିଆ ଗାଁ ଅଙ୍ଗନୱାଡ଼ି କେନ୍ଦ୍ର ନିକଟରେ ଥିବା ନିଜ ଜାଗାକୁ କାମ କରିବାକୁ ଯାଇଥିବା ବେଳେ ହଠାତ ସେହି ସ୍ଥାନରେ ତାଙ୍କ ଭଣଜା ଈଶ୍ୱର ପ୍ରଧାନ ପହଞ୍ଚି ଏକ କଟୁରିରେ ବେକକୁ ହାଣି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗୁରୁବାରିଆଙ୍କୁ ସ୍ଥାନୀୟ ଲୋକେ ସୁମଣ୍ଡଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବେଗୁନିଆପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଶିକ୍ଷୟିତ୍ରୀଙ୍କ ସ୍ମୃତିରେ ସରକାରୀ କାର୍ଯ୍ୟକ୍ରମକୁ ଚେକ୍ ପ୍ରଦାନ



ଚେକ୍ ପ୍ରଦାନ କରୁଛନ୍ତି।

ଛତ୍ରପୁର,୪।୫(ଡି.ଏନ.ଏ)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ରିକାପଲ୍ଲୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ତଥା ସ୍ୱର୍ଗତା ସରୋଜିନୀ ପଟ୍ଟନାୟକଙ୍କ ସ୍ମୃତିରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଲାଗି ଅନୁଦାନ ପ୍ରଦାନ କରାଯାଇଛି। ଉକ୍ତ ସ୍କୁଲରେ ସେ ୪ ବର୍ଷ ଧରି ଶିକ୍ଷକତା କରିଥିଲେ। ଗୁରୁବାର ତାଙ୍କ ସ୍ମୃତିରେ ତାଙ୍କ ସ୍ୱାମୀ କିଶୋର ଚନ୍ଦ୍ର ପଟ୍ଟନାୟକ ରିକାପଲ୍ଲୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟକୁ ବେଷ୍ଟ ସ୍କୁଲ ଅଫ୍ କ୍ଲାସ ଉଦ୍ଦେଶ୍ୟରେ ଏକ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏହି ଏକ ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା କରାଯିବ ଏବଂ ବେଷ୍ଟ ସ୍କୁଲ ଅଫ୍ କ୍ଲାସ ଯୋଜନାରେ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏଥିସହ ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମକୁ ମଧ୍ୟ ୫୦ ହଜାର ଟଙ୍କା ସେ ଦାନ କରିଛନ୍ତି। ସେହିପରି କିଶୋର ପଟ୍ଟନାୟକଙ୍କ ନିଜ ଗ୍ରାମ ତଥା ଗଞ୍ଜାମ ବ୍ଲକର ରାଜପୁରସ୍ଥିତ ହାଇସ୍କୁଲକୁ ମଧ୍ୟ ବେଷ୍ଟ ଷ୍ଟୁଡେଣ୍ଟ ଅଫ୍ କ୍ଲାସ ଉଦ୍ଦେଶ୍ୟରେ ୧ ଲକ୍ଷ ଟଙ୍କା ଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ସୀତାରାମ ପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନିଗମାନନ୍ଦ ପଣ୍ଡା ଓ ସୁଧାଂଶୁବାଳା ପଟ୍ଟନାୟକ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରୀତା ରଥ, ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଏଡିଏମ୍ଓ

ବେଗୁନିଆପଡ଼ା,୪।୫

ଗଞ୍ଜାମ ଜିଲା କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା ବିଶ୍ୱମ୍ଭର ବେହେରା। ସେ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ୫ଟି ଅଧିନରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଭେଷଜ ବିଭାଗ ଓ ଆଉଟଡୋର ପରିଦର୍ଶନ କରି ଡାକ୍ତର ଓ ରୋଗୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମୋ ସରକାର ଯୋଜନାରେ ସେ ମେଡ଼ିକାଲରେ ବିଭିନ୍ନ ପରିସ୍ଥିତିର ସମୀକ୍ଷା କରିଛନ୍ତି। ପ୍ରଥମେ ମାତୃ ଓ ଶିଶୁ ବିଭାଗ, ସର୍ଜରୀ ଓ ଜେନେରାଲ ୱାର୍ଡ ପରିଦର୍ଶନ କରିଥିବା ବେଳେ ମେଡ଼ିକାଲରେ ରୋଗୀ ଓ ଡାକ୍ତରଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ରୋଗୀମାନେ କିଭଳି ମାଗଣା ଔଷଧ ପାଇପାରିବେ ସେ ଏହା ଉପରେ ଗୁରୁତ୍ୱ ଦେଇଛନ୍ତି। ମେଡ଼ିକାଲରେ ରୋଗୀମାନେ ଡାକ୍ତର ଓ କର୍ମଚାରୀମାନଙ୍କଠାରୁ କିଭଳି ବ୍ୟବହାର ପାଉଛନ୍ତି ସେ ନେଇ ରୋଗୀ ଓ ସମ୍ପର୍କୀୟମାନଙ୍କଠାରୁ ବୁଝିଥିଲେ। କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିନକୁ ଦିନ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଡାକ୍ତର ଅଭାବ ସମସ୍ୟା ଲାଗି ରହିଛି। ଡାକ୍ତରଖାନାରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସେ ବିଭାଗକୁ ଅବଗତ କରାଇବେ ବୋଲି କହିଛନ୍ତି। ଏହି ଅବସରରେ କୋଦଳା ବ୍ଲକ ଉପାଧ୍ୟକ୍ଷା ରଞ୍ଜିତା ସେଠୀ, ମେଡିକାଲ ଇନ୍‌ଚାର୍ଜ ଡା.ଆଦିତ୍ୟ ପ୍ରସାଦ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।



କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ।

# ପିସ୍ତଲ ଜବତ, ୨ ଗିରଫ

ପୋଲସରା,୪।୫(ଡି.ଏନ.ଏ.)

ପୋଲସରା ଥାନା ପକ୍ଷରୁ ରାଆଣ୍ଡି ସ୍ଥିତ ଧନେଇ ଡ୍ୟାମ ନିକଟରେ ପାଟ୍ରୋଲିଂ ଚାଲିଥିବା ସମୟରେ ସ୍କୁଟିରେ ପୋଲସରାରୁ ପାଣ୍ଡିରିପଡା ଯାଉଥିବା ୨ଜଣ ଯୁବକଙ୍କୁ ସନ୍ଦେହରେ ଧରି ଯାଞ୍ଚ କଲା ବେଳେ ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ ମିଳିଥିଲା। ସେମାନଙ୍କୁ ପୋଲିସ ଗିରଫ କରିଛି। ଗିରଫ ଯୁବକ ଦ୍ୱୟ ହେଲେ ପୋଲସରା ଥାନା ଇଚ୍ଛାପୁର ଗ୍ରାମର ପ୍ରଦୀପ ବିଷୋୟୀ ଓ ଅନ୍ୟ ଜଣେ ହେଲେ ବେଗୁନିଆପଡାର ସଂଗ୍ରାମ ସାହୁ। ଉଭୟଙ୍କ ନାମରେ ୨୪୪/୨୩ରେ ମାମଲା ରୁଜୁ କରି ଗିରଫ କରିବା ସହ ଗୁରୁବାର କୋର୍ଟ ଚାଲାଣ କରିଛି।

# ନୃସିଂହ ଚତୁର୍ଦ୍ଦଶୀ ଯାତ୍ରା

ଆସିକା, ୪।୫ (ଡି.ଏନ୍.ଏ):

ଆସିକା ବ୍ଲକ ଓ ଏନଏସିରେ ଥିବା ନୃସିଂହ ଠାକୁରଙ୍କ ମନ୍ଦିରରେ ଗୁରୁବାର ନୃସିଂହ ଚତୁର୍ଦ୍ଦଶୀ ଉତ୍ସବ ପାଳିତ ହୋଇଥିଲା। ଆସିକା ଏନଏସିର ସୁନାମ୍ବ ରଥଦାଣ୍ଡ ସାହିରେ ବିଜେ ନୃସିଂହ ମନ୍ଦିରଠାରେ ଭରପୁର ଶ୍ରଦ୍ଧାଳୁଙ୍କ ଗହଣରେ ଭୋରରୁ ଠାକୁରଙ୍କ ପୂଜାନୀତି ଆରମ୍ଭ ହୋଇ ଦିନ ତମାମ ପୂଜା, ହୋମ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଠାକୁରଙ୍କ ବିଜେ ପ୍ରତିମାକୁ ବାଦ୍ୟ ବାଜଣା ପଟୁଆରରେ ନଗର ପରିକ୍ରମା କରାଯାଇଥିଲା। ଶୁକ୍ରବାର ମନ୍ଦିର ସମ୍ମୁଖରେ ନିର୍ମିତ ଏକ ଅସ୍ଥାୟୀ ମଣ୍ଡପରେ ଠାକୁରଙ୍କ ବିଜେ ପ୍ରତିମାକୁ ସ୍ଥାପନ କରାଯାଇ ଦିନ ତମାମ ପୂଜାର୍ଚ୍ଚନା ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ବ୍ୟବସ୍ଥା କରାଯାଇଛି। ନୃସିଂହ ମନ୍ଦିର ମହନ୍ତ ଲକ୍ଷ୍ମଣ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୂଜା ନୀତି ଅନୁଷ୍ଠିତ ହୋଇଥିଲା। ସେହିଭଳି ଆସିକା ବ୍ଲକର କାଳକଣ୍ଠପୁର, ନଳବଣ୍ଟା, ଖଡଭାଗ, ନିରାଳ, ବାବନପୁର ଆଦି ଗ୍ରାମରେ ଥିବା ନୃସିଂହ ଠାକୁରଙ୍କ ମନ୍ଦିରରେ ଏହି ଉତ୍ସବ ଗ୍ରାମାଞ୍ଚଳର ଶ୍ରଦ୍ଧାଳୁଙ୍କ ସମାଗମରେ ପାଳିତ ହୋଇଥିଲା।

# ରମ୍ଭା ଏନ୍‌ଏସିରେ ବଡ଼ାଖାନା



ବଡ଼ାଖାନା କାର୍ଯ୍ୟକ୍ରମ।

ରମ୍ଭା,୪।୫

ରମ୍ଭା ଏନ୍‌ଏସିର ବଡ଼ାଖାନା କାର୍ଯ୍ୟକ୍ରମ ମଙ୍ଗଳବାର ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏନ୍‌ଏସିର କର୍ମରତ କର୍ମଚାରୀ, ସୁଇପର, ସ୍ୱଚ୍ଛ ସାଥି ଏବଂ କାଉନସିଲରଙ୍କ ଭିତରେ ଏକତା, ବାଛ ବିଚାର ନ ହେବା, ଆପୋଷ ବୁଝାବଣା, ପରସ୍ପର ମଧ୍ୟରେ ସୁସମ୍ପର୍କକୁ ନେଇ ସରକାରଙ୍କ ଏକ ନିଆରା ପରମ୍ପରା କାର୍ଯ୍ୟକ୍ରମ ବଡାଖାନା କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତରେଇ, ସିଟି ମିଶନ ମ୍ୟାନେଜର ବିକ୍ରମ ସାମଲ, ଜି. ସଙ୍ଗମ ଚୌଧୁରୀ ଓ ସର୍ବନାମ ଦାଶ ପ୍ରମୁଖ କର୍ମରତ କର୍ମଚାରୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଦୀପକ କୁମାର ବିଷୋୟୀ ଓ ନିରଞ୍ଜନ ନାୟକ, ପ୍ରଶାନ୍ତ ନାୟକ, ମନୋଜ ପାଇକରାୟ, ବୀଣା ରାଉଳ। ଏଥିରେ ୧୩ କାଉନସିଲର ଯଥା ସାଗର ନାହାକ, ଡଲି ବେହେରା, ଜୟନ୍ତୀ ଗୌଡ଼, କୁମାରୀ ଯାନୀ, ଅଭିନାଥ ବେହେରା, ସରୋଜିନୀ ସେନାପତି, ବନ୍ଦନା ଗୌଡ଼, ମଞ୍ଜୁଳା ସେଠୀ, ସୁବାଷ ବେହେରା, ସମରସେନ ପଣ୍ଡା, କ୍ଷେତ୍ରମୋହନ ବେହେରା, ଜ୍ୟୋତ୍ସ୍ନା ରାଣୀ ବେହେରା ଓ ଉପାଧ୍ୟକ୍ଷ କାଳିଆ ତରେଇ ଉପସ୍ଥିତ ଥିଲେ।

## ମା' ପାଟଖଣ୍ଡା ଠାକୁରାଣୀ ଯାତ୍ରାର ବିଶ୍ରାମ ଦିବସ

# କଟକର ନବରଙ୍ଗ ସଙ୍ଗୀତରେ ଝୁମିଲେ ଶ୍ରଦ୍ଧାଳୁ



ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡା ଠାକୁରାଣୀଙ୍କ ପୂଜା ପାଉଛନ୍ତି।

ବାଲିଗୁଡା,୪।୫(ଡି.ଏନ.ଏ.):

କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡା ଠାକୁରାଣୀଙ୍କ ଯାତ୍ରା ଗୁରୁବାର ଦ୍ୱାଦଶ ଦିନରେ ପହଞ୍ଚିଛି। ମା'ଙ୍କ ବିଶ୍ରାମ ଦିବସ ଥିବାରୁ ସନ୍ଧ୍ୟାରେ ବହୁ ଭକ୍ତ ଓ ଦର୍ଶକଙ୍କ ସମାଗମ ହୋଇଥିଲା। ଏହି ଅସ୍ଥାୟୀ ପୀଠରେ ମା' ପାଟଖଣ୍ଡାଙ୍କ ସମେତ ବରାଳଦେବୀ, ମହାମାୟୀ, ମା' ଦୁର୍ଗା, ଡେଙ୍ଗଶୀଳ, ଏବଂ ମା'କାଳୀଙ୍କ ଘଟ ଦର୍ଶନ ଦେଉଛନ୍ତି। ସନ୍ଧ୍ୟାରେ ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ କଟକର ପ୍ରସିଦ୍ଧ ସଙ୍ଗୀତ ନବରଙ୍ଗ ଅର୍କେଷ୍ଟ୍ରା ଏବଂ ରକ ବ୍ୟାଣ୍ଡ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଭଜନ, ଗୀତ, ସଙ୍ଗୀତ ଓ ଡ୍ୟାନ୍ସରେ ଝୁମିଥିଲେ ଶ୍ରଦ୍ଧାଳୁ।

# ଘାଟିରୁ ୧୫ ଫୁଟ୍ ତଳକୁ ଖସିଲା ଅଟୋ, ୧୮ ଆହତ

ଆର.ଉଦୟଗିରି, ୪।୫:

ଗଜପତି ଜିଲା ମୋହନା ଥାନା ଗୁଛାଗୁଡ଼ା ଘାଟିରେ ଭାରସାମ୍ୟ ହରାଇ ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଅଟୋରେ ଯାତ୍ରା କରୁଥିବା ୧୮ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଗୁରୁବାର ସକାଳେ ଗୁଛାଗୁଡ଼ା ଓ ଟୁଟୁଗୁଡ଼ା ଗାଁର ୧୮ଜଣ ଯାତ୍ରୀ ଗୋଟିଏ ଅଟୋରେ ଲୁହାଗୁଡ଼ି ସାପ୍ତାହିକ ହାଟକୁ ଯାଉଥିଲେ। ଅଟୋଟି ଘାଟିରେ ତଳକୁ ଗଡୁଥିବା ବେଳେ ଭାରସାମ୍ୟ ହରାଇ କନ୍ଧକଳାମେରି ଗାଁ ନିକଟରେ ରାସ୍ତାର ଡାହାଣ ପଟକୁ ୧୫ ଫୁଟ ତଳକୁ ଖସିପଡ଼ିଥିଲା। ସ୍ଥାନୀୟ ଲୋକେ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେବାରୁ ସେମାନେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ମୋହନା ମେଡିକାଲରେ ଭର୍ତ୍ତି କରିଛନ୍ତି। ଆହାତଙ୍କ ମଧ୍ୟରେ ୨ ଜଣ ଶିଶୁ ଓ ୪ ଜଣ ମହିଳା ରହିଥିବା ଜଣାପଡିଛି।



# ମାଧ୍ୟମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଦିଗପହଣ୍ଡି,୪।୫(ଡି.ଏନ.ଏ.)

ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ରାଜ୍ୟସ୍ତରୀୟ ମାଧ୍ୟମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଭାରତୀ ଯୋଜନା ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରର ଉଦ୍‌ଘାଟନୀ ଦିବସରେ ମାଧ୍ୟମିକ ଶିକ୍ଷା ବିକାଶ ସମିତି ତଥା ଓଡ଼ିଶା ଶିଶୁ ମନ୍ଦିର ପରିଚାଳନା ସଭାପତି ଡ଼. କିଶୋର ଚନ୍ଦ୍ର ମହାନ୍ତି ଯୋଗଦେଇ ସ୍ୱାଧୀନତାର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଭାରତର ଶିକ୍ଷା ପଦ୍ଧତି ଓ ବର୍ତ୍ତମାନର ଆହ୍ୱାନକୁ ସଫଳ ରୂପାୟନ ନିମନ୍ତେ ନୂତନ ଶିକ୍ଷାନୀତି – ୨୦୨୦ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଶିବିରର ୧୦ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ଜିଲାରୁ ୧୧୦ ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଛନ୍ତି। ମାଧ୍ୟମିକ ଶିକ୍ଷା ବିଭାଗ ସଂଯୋଜକ ଆଶିଷ କୁମାର ରଥ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ସାହୁ, ଉଚ୍ଚ ମାଧ୍ୟମିକ ବିଭାଗ ଶିକ୍ଷା ବିକାଶ ସମିତି ସଂଯୋଜକ କୈଳାସ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶିବିରର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।



ଶିବିର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଗ୍ରୀଷ୍ମକାଳୀନ କ୍ୟାମ୍ପ ଉଦ୍‌ଘାଟନ। ସ୍ଥାନ–ବ୍ରହ୍ମପୁର ଷ୍ଟାଡିୟମ। ସମୟ–ସନ୍ଧ୍ୟା ୫ଟା।

## ସଂକ୍ଷେପରେ

### ଗଞ୍ଜେଇ ଜବତ: ଟ୍ରକ, କାର, ୨ ବାଇକ୍ ସହ ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୪।୫:** ଗଞ୍ଜାମ ଜିଲା ଟିଙ୍କିଟି ଧାନଘର ନିକଟରୁ ଅବକାରୀ ଗୋଇନ୍ଦା ଟିମ୍ ଗୁରୁବାର କୋଟିଏ ଟଙ୍କାର ଗଞ୍ଜେଇ ଜବତ କରିଛି। ଏକ ଟ୍ରକରେ ଗଞ୍ଜେଇ ଭର୍ତ୍ତି କରାଯାଇ ଚାଲାଣ ହେବା ବେଳେ ଟିମ୍ ଚଢ଼ାଉ କରିଥିଲା। ଘଟଣା ସ୍ଥଳରୁ ଗୋଟିଏ ଟ୍ରକ, କାର, ଦୁଇଟି ବାଇକ୍ ଜବତ କରାଯାଇଛି। ଗଞ୍ଜେଇ ଚାଲାଣକାରୀ ହେଉଛନ୍ତି ଦିଗପହଣ୍ଡି ଥାନା ଅନ୍ତର୍ଗତ ଅଡ଼ାସିଙ୍ଗି ଗ୍ରାମର ବିକ୍ରମ କୁମାର ସୁବୁଦ୍ଧି(୨୬)। ଏହି ରାକେଟରେ ସାମିଲ ଥିବା କିଙ୍ଗପିନ୍‌ଙ୍କ ଅନ୍ୟ ୩ ଜଣ ସହଯୋଗୀ ଅବକାରୀ ଟିମ୍‌କୁ ଚକମା ଦେଇ ଫେରାର ହୋଇଯାଇଛନ୍ତି। ଉକ୍ତ ଜବତ ଗଞ୍ଜେଇ ମୁମ୍ବାଇ ଚାଲାଣ ହୋଇଥାନ୍ତା ବୋଲି ଅଭିଯୁକ୍ତଙ୍କୁ ଜେରା ବେଳେ ଟିମ୍ ଜାଣିବାକୁ ପାଇଛି। ଗଜପତି ଅଞ୍ଚଳରୁ ଗଞ୍ଜେଇ ଅଣାଯାଇ କନିଷି ଅଞ୍ଚଳରେ ମହଜୁଦ ରଖାଯାଇଥିଲା। ବୁଧବାର ରାତିରେ ଏହାକୁ ଟିଙ୍କିଟି ଅଞ୍ଚଳକୁ ନିଆଯାଇ ସେଠାରେ ଏକ ଟ୍ରକରେ ଭର୍ତ୍ତି କରାଯାଇ ତାକୁ ଚାଲାଣ କରାଯାଉଥିବା ଜଣାପଡିଛି। ଅବକାରୀ ମାମଲା ନମ୍ବର ୬୫/୨୩-୨୪ରେ ବିକ୍ରମଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ବୁଧବାର ଭୋର ପ୍ରାୟ ୪ଟାରେ ଟିଙ୍କିଟି ଧାନଘର ଛକରୁ କେଲୁଆ ଛକ ମଧରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକରେ ଗଞ୍ଜେଇ ଭର୍ତ୍ତି କରାଯାଉଥିବା ନେଇ ଅବକାରୀ ଟିମ୍ ଖବର ପାଇଥିଲା। ସେଠାରେ ଚଢ଼ାଉ କରି ଏକ ଟ୍ରକକୁ ଯାଞ୍ଚ କରିଥିଲା। ସେଥିରେ ଥିବା ୬୪ ପକେଟରେ ଗଞ୍ଜେଇ ରହିଥିବା ବେଳେ ମୋଟ ୩୨୦ କେଜି ଗଞ୍ଜେଇ ଜବତ କରିଛି। ସେହିପରି ଏହି ଗଞ୍ଜେଇ ଚାଲାଣରେ ବ୍ୟବହୃତ ହୋଇଥିବା ଏକ କାର, ବୁଲେଟ ଓ ବାଇକ୍‌କୁ ଜବତ କରାଯାଇଛି।

### ୱାର୍ଡ ମେମ୍ବର ନିର୍ବାଚନ ଫଳାଫଳ ଘୋଷଣା

ଆସିକା, ୪।୫(ଡି.ଏନ୍.ଏ): ଆସିକା ବ୍ଲକର ୬ଟି ପଞ୍ଚାୟତରେ ହୋଇଥିବା ୬ଟି ୱାର୍ଡ ମେମ୍ବର ନିର୍ବାଚନ ଫଳାଫଳ ଘୋଷଣା ହୋଇଛି। ଆଲିପୁର ପଞ୍ଚାୟତ ୱାର୍ଡ ନଂ ୨ରୁ ଲକ୍ଷ୍ମୀ ବେହେରା, ବାବନପୁର ପଞ୍ଚାୟତ ୱାର୍ଡ ନଂ ୮ରୁ ସୁବାସିନୀ ଖଣ୍ଡୁଆଳ, ବାଙ୍ଗରଡା ପଞ୍ଚାୟତ ୬ନଂ ୱାର୍ଡରୁ ଜ୍ୟୋତ୍ସ୍ନା ନାୟକ, ଗୁଣ୍ଠପଡା ପଞ୍ଚାୟତ ୯ନଂ ୱାର୍ଡରୁ ଶୈଳନ୍ଦ୍ରୀ ଜେନା, କାଳଷଣ୍ଡପୁର ପଞ୍ଚାୟତ ୱାର୍ଡ ନଂ ୧୬ରୁ ଟି.ରଜନୀ ଓ କେନ୍ଦୁପଦର ପଞ୍ଚାୟତ ୱାର୍ଡ ନଂ ୮ରୁ ପ୍ରଣତି ବରାଡ ବିଜୟୀ ହୋଇଛନ୍ତି। ଅପ୍ରତିଦ୍ୱନ୍ଦି ରହିଥିବା ବରଗାଁ ପଞ୍ଚାୟତର ୫ନଂ ୱାର୍ଡରୁ ନିନା ସ୍ୱାଇଁ, ବେଣାପାଟ ପଞ୍ଚାୟତ ୧୦ନଂ ୱାର୍ଡରୁ ସୁନିତା ରାଉତ, ଦେବଭୂମି ପଞ୍ଚାୟତ ୱାର୍ଡ ନଂ ୭ରୁ ସୁଚିତ୍ରା ଦାସ, ଖାରିଆ ପଞ୍ଚାୟତ ୧୮ନଂ ୱାର୍ଡରୁ ବିନତୀ କୁମାରୀ ମହାନ୍ତି, ମୁନିଗାଡି ପଞ୍ଚାୟତ ୪ନଂ ୱାର୍ଡରୁ ସନ୍ତୋଷ କୁମାର ଦଳ ବେହେରା ଓ ପାଣ୍ଡିଆପଥର ପଞ୍ଚାୟତ ୱାର୍ଡନଂ ୧୦ରୁ ଚନ୍ଦ୍ରମା ମହାରଣାଙ୍କୁ ବିଧିବଦ୍ଧ ଭାବେ ବିଜୟୀ ଘୋଷିତ କରାଯାଇଥିବା ନିର୍ବାଚନ ଅଧିକାରୀ ତଥା ଆସିକା ବିଡିଓ ଫକୀର ଚରଣ ପରିଡା ସୂଚନା ଦେଇଛନ୍ତି।

# ବାଣପୁର କୋର୍ଟରେ ଦୁର୍ଦ୍ଦାନ୍ତ କୁନାଙ୍କ ଆତ୍ମସମର୍ପଣ

ବ୍ରହ୍ମପୁର ଅଫିସ,୪।୫

- ରିମାଣ୍ଡରେ ଆଣିବ ବ୍ରହ୍ମପୁର ପୋଲିସ
- ବିଭିନ୍ନ ଥାନାରେ ୨୪ରୁ ଊର୍ଦ୍ଧ୍ୱ ମାମଲା

ବ୍ରହ୍ମପୁର ପୋଲିସ ଜିଲାର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଥିବା ଦୁର୍ଦ୍ଦାନ୍ତ ଅପରାଧୀ କୁନା ବେହେରା ଓରଫ୍ ଜଡ଼ା ଖୋର୍ଦ୍ଧା ଜିଲା ବାଣପୁର କୋର୍ଟରେ ଆତ୍ମ ସମର୍ପଣ କରିଛନ୍ତି। ସେ ବ୍ରହ୍ମପୁର ପୋଲିସକୁ ଚକ୍‌ମା ଦେଇ କୋର୍ଟରେ ଆତ୍ମ ସମର୍ପଣ କରିବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତାଙ୍କୁ ବ୍ରହ୍ମପୁର ପୋଲିସ ରିମାଣ୍ଡରେ ଆଣିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ଶ୍ରବଣା ବିବେକ ଏମ୍. ସୂଚନା ଦେଇଛନ୍ତି। କୁନାଙ୍କ ନାଁରେ ଗୋଳନ୍ଥରା ଥାନା ସମେତ ଅନ୍ୟାନ୍ୟ ଥାନାରେ ଏବେ ୨୪ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ବେଳେ ୧୦ ଟି ଆପରାଧିକ ମାମଲାରେ ୱାରେଣ୍ଟ ରହିଛି। ବ୍ରହ୍ମପୁର ପୋଲିସ କୁନାଙ୍କୁ ପ୍ରାୟ ଦେଢ଼ବର୍ଷରୁ ଅଧିକ ସମୟ ହେଲା ଧରିବା ପାଇଁ ଜାଲ ବିଛାଇ ବିଫଳ ହୋଇଥିଲା। ଏଣୁ ସେ ବ୍ରହ୍ମପୁର ପୋଲିସର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ରହିଥିଲେ। ବାଣପୁର ଥାନା ଇଲାକାରେ ଏକ ଦାଦାବଟି ମାମଲାରେ କୁନା ଫେରାର୍ ରହିଥିଲେ। ଏହି ମାମଲାରେ ସେ ଗତ ୨ତାରିଖରେ କୋର୍ଟରେ ଆତ୍ମସର୍ପଣ କରିଥିଲେ।

ପ୍ରକାଶ ଯେ, କୁନା ଗୋଳନ୍ଥରା ଥାନା ଅନ୍ତର୍ଗତ ଟାମଣା ଜଙ୍ଗଲକୁ ତା'ଙ୍କର ଆଡ଼ା କରିଛନ୍ତି । ସେ ଜଙ୍ଗଲ ଭିତରେ ରହି ବନ୍ୟଜନ୍ତ ଶିକାର କରି ଶିଙ୍ଗ, ଚମଡ଼ା ଆଦି ଚାଲାଣ କରୁଛନ୍ତି । ଏପରିକି ଟାମଣା ଘାଟି ରାସ୍ତାରେ ହେଉଥିବା ଅଧିକାଂଶ ଲୁଟ୍, ରାହାଜାନି ଘଟଣାରେ କୁନା ଗ୍ୟାଙ୍ଗଙ୍କର ସମ୍ପୃକ୍ତି ଥିବା ପୋଲିସ ତଦନ୍ତରେ ଜଣାପଡ଼ିଛି। କୁନାଙ୍କୁ ଠାବ କରିବା ପାଇଁ ବର୍ଷେରୁ ଅଧିକ ସମୟ ହେଲା ପୋଲିସ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି। ହେଲେ ସେ ଅଧିକାଂଶ ସମୟରେ ଚଢ଼ାଉ ବେଳେ ପୋଲିସ ଆଖିରେ ଧୂଳି ଦେଇ ଖସି ପଳାଇବାରେ ସକ୍ଷମ ହେଉଛନ୍ତି।

ପ୍ରକାଶଥାଉ କି, ୨୦୨୧ ଅକ୍ଟୋବର ୭ ଭୋରରେ ବ୍ରହ୍ମପୁର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଦିଗପହଣ୍ଡି ଥାନା ଚୟୋଗଡ଼ ଗ୍ରାମ କେରାଣ୍ଡିମାଳ ପାହାଡ଼ ସଂଲଗ୍ନ ଘଞ୍ଚ ଜଙ୍ଗଲ ଭିତରେ କୁନା ଗ୍ୟାଙ୍ଗ୍ ସହିତ ମୁହାଁମୁହିଁ ହୋଇଥିଲା। କୁନା ଓ ତାଙ୍କର ସହଯୋଗୀମାନେ ପୋଲିସ ଉପରକୁ ଗୁଳି ଚଳାଇବା ସହିତ ବୋମା ଫିଙ୍ଗି ଘଞ୍ଚ ଜଙ୍ଗଲ ଭିତରକୁ ପଶି ଯାଇଥିଲେ। ୨୦୧୫ରେ ପୋଲିସ କୁନାଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଏହାପରେ ଜାମିନରେ ବାହାରି ସେ ପୁଣିଥରେ ଅପରାଧ ଘଟାଇ ଚାଲିଥିଲେ। ୨୦୧୮ ଜୁଲାଇ ୪ ରେ ପୋଲିସ ଓ କୁନା ଗ୍ୟାଙ୍ଗ୍ ଟାମଣା ଜଙ୍ଗଲ ରାସ୍ତାରେ ମୁହାଁମୁହିଁ ହୋଇଥିଲେ। ଏଥିରେ କୁନା ପୋଲିସ ଏନ୍‌କାଉଣ୍ଟରର ଶିକାର ହୋଇଥିଲେ। ୨୦୨୨ ସେପ୍ଟେମ୍ବର ୧୨ରେ ପୁଣିଥରେ କୁନା ପୋଲିସକୁ ଚକ୍‌ମା ଦେଇ ଖସି ପଳାଇବାରେ ସକ୍ଷମ ହୋଇଥିଲେ।



ବ୍ରହ୍ମପୁର ଆମ୍ବପୁଆ ରିଜର୍ଭ ପୋଲିସ ପଡ଼ିଆରେ ବୁଧବାର ଆୟୋଜିତ ବଡ଼ଖାନା କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍ ସହକର୍ମୀଙ୍କ ସହ ଖୁସି ମନାଉଛନ୍ତି।

## ରାଜନୈତିକ ଶତ୍ରୁତାରୁ ଆକ୍ରମଣ, ଯୁବକ ଗୁରୁତର

ଦିଗପହଣ୍ଡି,୪।୫(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ପଞ୍ଚାୟତରେ ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ୨ ଗୋଷ୍ଠୀ ମଧ୍ୟରେ ରାଜନୈତିକ ଶତ୍ରୁତାରୁ ଛକାପଞ୍ଝା ଲାଗିରହିଥିଲା। ଗୁରୁବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ ଟାରେ ବଜ୍ରଗୁମ୍ଫା ଗ୍ରାମର ସନାତନ ସାହୁ ନାମକ ଜଣେ ଯୁବକ ଭ୍ରମରପୁର ଗ୍ରାମରେ କାମ ସାରି ବାଇକ୍ ଯୋଗେ ଗାଁକୁ ଫେରୁଥିବା ବେଳେ ଢେପାପେଣ୍ଠ ଛକରେ କାଳୁ ଚରଣ ସାହୁ ଏବଂ ତାଙ୍କ ସମର୍ଥକମାନେ ସନାତନଙ୍କୁ ଅଟକାଇ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁତର ସନାତନଙ୍କୁ ଟିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନେଇ କେ.ନୂଆଗାଁ ଥାନାରେ ଏତଲା ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି। ଘଟଣା ପରେ ଢେପାପେଣ୍ଠ ଗାଁ ଏବଂ ବଜ୍ରଗୁମ୍ଫା ଗାଁରେ ଚାପା ଉତ୍ତେଜନା ଲାଗି ରହିଥିଲେ ମଧ୍ୟ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ପୋଲିସ କହିଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com



@ ମଧୁସ୍ମିତା



@ ପ୍ରଶ୍ନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରଥମ ସନ୍ଧ୍ୟାରେ ପଞ୍ଚମ ବେଦ ମଞ୍ଚସ୍ଥ

ବ୍ରହ୍ମପୁର ଅଫିସ,୪।୫

### ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ

ଓଡିଶା ନାଟକ ସମାରୋହ ସମିତି ପକ୍ଷରୁ ଗୁରୁବାର ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ୧୫ ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଓ ୨ୟ ଶିଶୁ ନାଟକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଟକ ସମାରୋହ ସମିତି ସଭାପତି ଅନୀଲ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ମହୋତ୍ସବକୁ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧ୍ୟକ୍ଷ ସୁବାଷ ମହାରଣା, କର୍ପୋରେଟର ସଞ୍ଜିତ ପାଣିଗ୍ରାହୀ, ନାଟକ ସମାରୋହ ସମିତି ସାଧାରଣ ସମ୍ପାଦକ ସାପା ସୀମାଦ୍ରି ପ୍ରମୁଖ ମଞ୍ଚାସୀନ ଥିଲେ। ମହୋତ୍ସବ କମିଟି ଅଧ୍ୟକ୍ଷ ଡ. ମିହିର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଶ୍ରୀବତ୍ସ ମହାନ୍ତିଙ୍କ ରଚିତ ଓ ସତ୍ୟବ୍ରତ ଦାଶଙ୍କ ନିର୍ଦ୍ଦେଶିତ ନାଟକ ପଞ୍ଚମ ବେଦ ମଞ୍ଚସ୍ଥ ହୋଇଥିଲା। ସମାଜକୁ ଶିକ୍ଷଣୀୟ ବାର୍ତ୍ତା ସହ ନାଟକରେ ରହିଛି ଶାଳିନତା। ଅତ୍ୟାଧୁନିକ ଢାଞ୍ଚାରେ ଅତିରଞ୍ଜିତ ଭାବେ ଲୋକଙ୍କ ଆକୃଷ୍ଟ କରିବା ପାଇଁ ଅଶୀଳତାର ସହଯୋଗରେ ମଞ୍ଚସ୍ଥ ଅପେରା ଓ ଯାତ୍ରା ଯୋଗୁ ମଞ୍ଚନାଟକ କ୍ଷତିଗ୍ରସ୍ତ ହେଉଥିବା ନେଇ ନାଟକରେ ଦର୍ଶାଯାଇଛି। ଏହି ନାଟକରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢୀ ଦିଗଦର୍ଶନ ଦେଇଥିବା ବେଳେ କାହ୍ନୁ ମହାପାତ୍ର ସଂଗୀତ ରଚନା କରିଛନ୍ତି। ନାଟକରେ ଗୋପାଳ ପ୍ରଧାନ, ନରସିଂହ, ରାଧା, ବାପି, ସନ୍ଦିପ, ଅରୁଣ, ଶେଖର, ସାଇକ୍ରିଷ୍ଣା ଓ ଆରତୀ ପାତ୍ର ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି। କଶେଷରେ ନାଟକ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଉତ୍ତରଦାତାଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଶଙ୍କର୍ଷଣ ସାବତ, କୈଳାସ ପାଣିଗ୍ରାହୀ, ରାମଚନ୍ଦ୍ର ସାସମଲ ଓ ସୁନୀଲ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥିବୃନ୍ଦ।

# ଦୂର ହେଲା ପିଏମ୍‌ଏସ୍‌ଏସ୍‌ୱାଇ କୋଠା ବିଜୁଳି ସମସ୍ୟା

ବ୍ରହ୍ମପୁର ଅଫିସ,୪।୫

ମାସେରୁ ଅଧିକ ସମୟ ଧରି ରୋଗୀମାନେ ହଇରାଣ ହେବା ପରେ ଏମ୍‌କେସିଜି ମେଡିକାଲ ପିଏମ୍‌ଏସ୍‌ଏସ୍‌ୱାଇ କୋଠା ବିଜୁଳି ସମସ୍ୟା ଦୂର ହୋଇଛି। ମାସେ ହେବ ଖରାପ ଥିବା ଜେନେରେଟରକୁ ଗୁରୁବାର ମରାମତି କରିବା ପରେ ରୋଗୀ ଓ କର୍ମଚାରୀଙ୍କ ସମସ୍ୟା ଦୂର ହୋଇଛି। ପିଏମ୍‌ଏସ୍‌ଏସ୍‌ୱାଇ କୋଠାର ସମସ୍ତ ମହଲାରେ ଏସି ଲାଗିଥିବା ବେଳେ ଏଠାରେ ୧୦ଟି ସୁପରସ୍ପେସିଆଲିଟି ବିଭାଗ ରହିଛି। ଅନେକ ବିଭାଗରେ ବହୁ ଦାମୀ ମେଶିନ ଓ ସରଞ୍ଜାମ ଲଗାଯାଇଛି। ଗୁରୁତର ରୋଗୀଙ୍କ ବଡ ବଡ ଅସ୍ତ୍ରୋପଚାର ପାଇଁ ୧୦ରୁ ଅଧିକ ଅସ୍ତ୍ରୋପଚାର ଗୃହ ରହିଛି। ସେହିକ୍ରମରେ ବିଜୁଳି କଟିଲେ ବିକଳ୍ପ ବ୍ୟବସ୍ଥା ପାଇଁ ଏଠାରେ ଏକାଧିକ କୋଟି ଟଙ୍କା ବ୍ୟୟରେ ସ୍ୱୟଂଚାଳିତ ଅତ୍ୟାଧୁନିକ ଜେନେରେଟର ଖଞ୍ଜା ଯାଇଛି। ହେଲେ ଆଜକୁ ୧ ମାସ ହେବ ସୁପରସ୍ପେସିଆଲିଟି କୋଠା ସହ ସଂଯୋଗ ହୋଇଥିବା ସ୍ୱୟଂଚାଳିତ ଜେନେରେଟର ଖରାପ ହୋଇଯାଇଥିଲା। ଫଳରେ ବିଭିନ୍ନ ବିଭାଗରେ ଚିକିତ୍ସିତ ହେଉଥିବା ଗୁରୁତର ରୋଗୀମାନେ ନାନାପ୍ରକାର ସମସ୍ୟା ଭୋଗୁଥିଲେ। ଜିଇଡି ବିଭାଗ ଅନ୍ୟ ଏକ ସଂସ୍ଥାକୁ ଡକାଇ ଗୁରୁବାର ଜେନେରେଟର ମରାମତି କରାଇଥିବା ସୂଚନା ମିଳିଛି।

# ନବମ ଦିନରେ ପଞ୍ଚ ଠାକୁରାଣୀ ଯାତ୍ରା, ବୁଗୁଡ଼ା ଉତ୍ସବମୁଖର

ବୁଗୁଡ଼ା, ୪।୫(ଡି.ଏନ୍.ଏ.)

ବୁଗୁଡ଼ା ଠାକୁରାଣୀ ଯାତ୍ରା ଗୁରୁବାର ନବମ ଦିନରେ ପହଞ୍ଚିଥିବା ବେଳେ ପଞ୍ଚ ଠାକୁରାଣୀଙ୍କ ଘଟ ପରିକ୍ରମା କାର୍ଯ୍ୟକ୍ରମ ମହା ପଟୁଆରରେ ଅନୁଷ୍ଠିତ ହୋଇଛି। ବଡଦାଣ୍ଡର 'ତ୍ରିପତି ବାଲାଜୀ' ମେଢ ଲୋକାର୍ପିତ ହୋଇଥିବା ବେଳେ ପୁରୁଣା ବସଷ୍ଟାଣ୍ଡର 'ନୃସିଂହ' ମେଢଠାରେ ହୋମ କାର୍ଯ୍ୟ ଚାଲିଥିବା ସହ କେତେକ ସ୍ଥାନରେ ମେଢ ପ୍ରସ୍ତୁତି କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ସେହିପରି ହାଇସ୍କୁଲ ଛକଠାରୁ ଶକ୍ତିନଗରସ୍ଥିତ ପ୍ରବେଶ ତୋରଣ ପର୍ଯ୍ୟନ୍ତ ଆଲୋକ ସଜ୍ଜା ଲୋକଙ୍କ ମନ ମୋହୁଛି। ନୂଆ ବସଷ୍ଟାଣ୍ଡର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ମେଢ ଓ କାମଧେନୁ ମେଢ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଅନ୍ୟପକ୍ଷରେ ପୂର୍ବାହ୍ନରେ ବଡଦାଣ୍ଡସ୍ଥିତ ଅସ୍ଥାୟୀ ପୂଜା ମଣ୍ଡପରେ ପାରମ୍ପରିକ ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା ଓ ହୋମକାର୍ଯ୍ୟ ସମ୍ପନ୍ନ ହେବା ସହ ସନ୍ଧ୍ୟାରେ ଆଳତି ପରେ ଘଟ ପରିକ୍ରମା ଆରମ୍ଭ ହୋଇଥିଲା। ମାନସିକଧାରୀମାନେ ଘଟ ଧାରଣ କରି ବିଭିନ୍ନ ସାହି ପରିକ୍ରମା କରିଥିଲେ।



ମା' ପଞ୍ଚଠାକୁରାଣୀ ପୂଜା ପାଉଛନ୍ତି।

# ଆଇନ ମହାବିଦ୍ୟାଳୟରେ ଜାତୀୟସ୍ତରୀୟ କର୍ମଶାଳା

ବ୍ରହ୍ମପୁର ଅଫିସ,୪।୫

ଗଞ୍ଜାମ ଆଇନ ମହାବିଦ୍ୟାଳୟରେ ଗୁରୁବାର ଜାତୀୟ ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସରୋଜ କୁମାର ସାମନ୍ତ ଅଧ୍ୟକ୍ଷତା କରିଥିଲେ। ଆଇନ ବୃତ୍ତିରେ ଉଦୀୟମାନ ଧାରା ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଭାବେ କଟକ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. କମଳ ଜିତ ସିଂ ଯୋଗଦେଇଥିଲେ। ସେ ଆଇନର ବିଭିନ୍ନ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭିଆଇଟି ଏପି ସ୍କୁଲ ଅଫ ଲ' ଡିନ୍ ପ୍ରଫେସର ଡ. ବାନାର୍ଜୀ ଚକ୍ସା ଯୋଗଦେଇ ଆଇନଜୀବୀମାନେ ନୂତନ ବୈଷୟିକ ଜ୍ଞାନ କୌଶଳ ସହ ନିଜକୁ ଯୋଡିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ପ୍ରବୀଣ କୁମାର ତ୍ରିପାଠୀ, କୋଲକାତା ଆଦମାସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଏବଂ ଡିନ ପ୍ରଫେସର ଶିଳା ରାମ ସୁନ୍ଦର, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଡିଏସ୍‌ଡବ୍ଲ୍ୟୁ ବିଭାଗ ମୁଖ୍ୟ ଡ. ନିଧି ଚୌହାନ ଓ ଆଇନ ବିଭାଗ ମୁଖ୍ୟ ହିରଣ୍ମୟୀ ମିଶ୍ର ଯୋଗ ଦେଇ ନିଜ ନିଜର ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଆଇନ ମହାବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ଡ. ବିନାୟକ ପଟ୍ଟନାୟକ, ଆସିଷ୍ଟାଣ୍ଟ ପ୍ରଫେସର ମନୋଜ କୁମାର ଜେନା ସାମନ୍ତ, ମୋନିସା ବିଶ୍ୱାଳ, ସୁଦାତା ରଥ, ଜ୍ୟୋତିର୍ମୟୀ ବାରୁହ ଓ ଡ. ଶ୍ୟାମକାନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗଞ୍ଜେଇ ଚୋରାଚାଲାଣ ମାମଲା

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ବ୍ରହ୍ମପୁର ଅଫିସ,୪।୫

ବ୍ରହ୍ମପୁର ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ (ଏଡିଜେ)- ୩ ଗୁରୁବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ବିହାର ରୋହତାସ ଜିଲା ଅଧିନ ନଟୱର କାଲୁ ଥାନା ଅଞ୍ଚଳର ଶିବଜୀ ତୁରା (୨୮)। ଏଡିଜେ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ତାଙ୍କୁ ୧ ଲକ୍ଷ ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ସେ ଦଣ୍ଡିତ ହେବେ ବୋଲି ବିଚାରପତି ତାଙ୍କ ରାୟରେ ଦର୍ଶାଇଛନ୍ତି।

ପ୍ରକାଶ ଯେ, ୨୦୧୮ ଏପ୍ରିଲ ୪ ରେ ଶିବଜୀ ବ୍ରହ୍ମପୁର ରେଳଷ୍ଟେଶନ ୪ ନମ୍ବର ପ୍ଲାଟଫର୍ମ ନିକଟ ଗୁଡ୍ସସେଡ଼ ରୋଡ କଡରେ ଥିବା ଏକ ଗଛ ମୂଳେ ସନ୍ଦେହଜନକ ଅବସ୍ଥାରେ ଛିଡା ହୋଇଥିଲେ। ଅବକାରୀ ଟିମ୍ ସେଠାରେ ଚଢ଼ାଉ କରି ଶିବଜୀ ଦୁଇଟି ଏୟାର ବ୍ୟାଗରେ ଧରିଥିବା ୨୯କେଜି ଗଞ୍ଜେଇ ଜବତ କରିଥିଲା। ସେ ଏହାକୁ ବିହାର ଚାଲାଣ ପାଇଁ ଯୋଜନା କରିଥିଲେ। ଅବକାରୀ ମାମଲା ନମ୍ବର ୧/୧୮-୧୯ ରେ ଅବକାରୀ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଏଡିଜେ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପାତ୍ର ଓ ଅତିରିକ୍ତ ପିପି (କ୍ୟାଡ଼ର) ବିକ୍ରମ କୁମାର କୁଣ୍ଡ ଓ ମୁଦାଲାଙ୍କ ପକ୍ଷରୁ ତ୍ରିପତି ପ୍ରସାଦ ସାହୁ ମକଦ୍ଦମା ପରିଚାଳନା କରିଥିଲେ।



ଗିରଫ ଅଭିଯୁକ୍ତ ଶିବଜୀ ତୁରା।

# ଜିଲାର ଚାଷୀ ରାଜ୍ୟ ବାହାରେ ଦାଦନ ଶ୍ରମିକ ଭାବେ ମରୁଛନ୍ତି

ବ୍ରହ୍ମପୁର ଅଫିସ,୪।୫

### ନବ ନିର୍ମାଣ କୃଷକ ସଂଗଠନ ଜିଲା କମିଟି ସାଧାରଣ ସଭା

ଅକ୍ଷୟ ତୃତୀୟାଠାରୁ ପୁରୀରୁ ଆରମ୍ଭ ହୋଇଥିବା ନବ ନିର୍ମାଣ କୃଷକ ସଙ୍ଗଠନର ଲୋକସମ୍ପର୍କ ଅଭିଯାନ ଗୁରୁବାର ଗଞ୍ଜାମରେ ପହଞ୍ଚିଛି। ଏ ନେଇ ଗୁରୁବାର ସଂଘର ଜିଲା କମିଟି ପକ୍ଷରୁ ଉତ୍କଳ ଆଶ୍ରମ ସଭା ଗୃହରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ଯୁବ ନେତା ମହେଶ କୁମାର ଗୌଡ ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ବିଭିନ୍ନ ବ୍ଲକର ଚାଷୀ ନେତୃତ୍ୱ ଯୁବକ ଛାତ୍ର ଶ୍ରମିକ ଯୋଗ ଦେଇ ସାମ୍ପ୍ରତିକ ରାଜନୈତିକ ଦିଗ ଉପରେ ଆଲୋକପାତ କରିଥିଲେ। ସଂଘ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଥିଲେ, ଯେଉଁ ଦେଶରେ ଦିନେ ଲାଲବାହାଦୁର ଶାସ୍ତ୍ରୀ ଜୟ କିଷାନ ସ୍ଲୋଗାନ ଦେଇଥିଲେ, ସେଠି କେନ୍ଦ୍ର ଓ ରାଜ୍ୟର ଅବହେଳାର ଶିକାର ହୋଇ ଚାଷୀ ଆତ୍ମହତ୍ୟା କରୁଛନ୍ତି। ଏଣୁ ଏହି ଅବହେଳାର ପରିସମାପ୍ତି ପାଇଁ ଚାଷୀମାନେ ନିଜେ ରାଜନୀତିରେ ଶକ୍ତି ପ୍ରଦର୍ଶନ କରି କ୍ଷମତା ଦଖଲ କରିବାକୁ ଆହ୍ୱାନ ଦେଇଥିଲେ। ଗଞ୍ଜାମ ଏକ ଚାଷୀ ବହୁଳ ଜିଲା ହୋଇଥିଲେ ମଧ୍ୟ ଏଠି ଚାଷୀଙ୍କୁ ଅବହେଳିତ କରି ରଖାଯାଇଥିବାରୁ ଏହି ଜିଲାର ଲକ୍ଷ ଲକ୍ଷ ଚାଷୀ ଦାଦନ ଶ୍ରମିକ ଭାବେ ଖଟି ବାହାର ରାଜ୍ୟରେ ମରୁଛନ୍ତି ବୋଲି ସେ କହିଥିଲେ। ଯୁବନେତା ସାଜିଦ୍ ହୁସେନ, ସଂଗଠନ ସମ୍ପାଦକ ସୀମାଞ୍ଚଳ ଦାସ ପ୍ରମୁଖ ସ୍ୱାଧୀନୋତ୍ତର ଦେଶ ଓ ରାଜ୍ୟରେ ଶାସନତନ୍ତ୍ର ବିଗିଡି ଯାଇଛି ଓ ସାଧାରଣ ଚାଷୀ ମୂଲିଆ, କନ୍ଯୁବର୍ଗ ଏହାର ଶିକାର ହୋଇଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସହ ସଂଯୋଜକ ଉମାକାନ୍ତ ଭାରତ, ଯୁବଛାତ୍ର ନେତା ମନୱର ଅଲ୍ଲୀଙ୍କ ସମେତ ହରି କୁମାର ସାହୁ, ଏମ୍ ଦୁଷ୍ମନ୍ତ ରାଓ, ଲକେଶ୍ ରାଓ ଓ ବୁଲୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ସଭାରେ ଉପସ୍ଥିତ ନବନିର୍ମାଣ ସଂଘର ସଦସ୍ୟ।

